## ସଂକ୍ଷେପରେ

### ପୋଡ଼ି ହୋଇ ମହିଳା ଗୁରୁତର ଶାଶୁଘର ବିରୋଧରେ ଅଭିଯୋଗ ଆଣିଲେ ମହିଳାଙ୍କ ପରିବାର

ବ୍ରହ୍ମପୁର ଅଫିସ,୧୧।୫-ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ରାଧାକାନ୍ତ ମଠ ସାହିର ଜଣେ ବିବାହିତା ମହିଳା ନିଆଁରେ ପୋଡି ହୋଇ ଗୁରୁତର ହୋଇଛନ୍ତି । ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି ବୋଲି ତାଙ୍କ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି । ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ।

ସୂଚନାପ୍ରକାରେ, ଲାଞ୍ଜିପଲ୍ଲୀ କାଞ୍ଜିଆମ୍ମା ମନ୍ଦିର ସାହିର ପି.ମହାଲକ୍ଷ୍ମୀ ଆଜକୁ ୩ ବର୍ଷ ତଳେ ରାଧାକାନ୍ତ ମଠ ସାହିର ହାଡୁ ପାତ୍ରଙ୍କୁ ସେ ବିବାହ କରିଥିଲେ । ତାଙ୍କର ଗୋଟିଏ ପୁଅ ଓ ଝିଅ ରହିଛି । ହେଲେ ହାଡୁ ଅନେକ ସମୟରେ ମହାଲକ୍ଷ୍ମୀଙ୍କୁ ନିର୍ଯାତନା ଦେଉଥିଲେ। ଏପରିକି ହାଡୁ ଓ ତାଙ୍କ ମାଆ ଏ. ମହାଲକ୍ଷ୍ମୀ ଉଭୟ ମିଶି ପି. ମହାଲକ୍ଷ୍ମୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ । ଯାହାକୁ ନେଇ ମହିଳା ଜଣକ ଶାଶୁ ଓ ସ୍ୱାମୀଙ୍କ ବିରୋଧରେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟ ପକ୍ଷଙ୍କୁ ଡାକି ବୁଝାଶୁଝା କରିଥିଲା । ଏହାସତ୍ତ୍ୱେ ମଧ ଗତ ଦୁଇ ଦିନ ତଳେ ମହାଲକ୍ଷ୍ମୀଙ୍କୁ ତାଙ୍କ ଶାଶୁ ଓ ସ୍ୱାମୀ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ । ଶେଷରେ ଘଟଣା ସମ୍ପର୍କରେ ମହିଳାଙ୍କ ପିଉସୀ ପି. ଲକ୍ଷ୍ମୀ ପାତ୍ର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

### ଭଉଣୀଙ୍କୁ ଅସଦାଚରଣ କରି ଭାଇ ଗିରଫ

ବ୍ରହ୍ମପୁର ଅଫିସ,୧୧।୫-ନିଜ ଭଉଣୀଙ୍କୁ ମୁଥ ମାରି ରକ୍ତାକ୍ତ କରିବା ସହ ଟଣାଓଟରା ଓ ଅସଦାଚରଣ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଭାଇଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଦୀପକ ନାୟକ (୩୮)। ମାମଲା ନମ୍ବର ୧୧୭/୨୨ ରେ ଦୀପକଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଧାରା ୧୬୪ ଅନୁସାରେ ଭଉଣୀଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇ ଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଦୀପକ ନାୟକ ବିବାହ ପରେ ନିଜ ପରିବାର ସହ ଅନ୍ୟତ୍ର ରହୁଥିଲେ। ଅନ୍ୟପଟେ ତାଙ୍କ ଭଉଣୀ ମଧ ବିବାହ ପରେ କୌଣସି କାରଣରୁ ତାଙ୍କ ବାପ ଘରେ ରହୁଥିଲେ। କିଛି ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଦୀପକ ମଙ୍ଗଳବାର ତାଙ୍କ ବାପାଙ୍କ ଘରକୁ ଯାଇ ଝଗଡା କରିଥିଲେ। ଉକ୍ତ ଘରେ ଥିବା ତାଙ୍କ ଭଉଣୀ ଏହାର ପ୍ରତିବାଦ କରିଥିଲେ। ଏହି ସମୟରେ ଦୀପକ ଉତକ୍ଷିପ୍ତ ହୋଇ ତାଙ୍କ ଭଉଣୀଙ୍କୁ ଅସଦାଚାରଣ କରିଥିଲେ। ସେ ମୁଥମାରି ନାକ ଫଟାଇ ଦେଇଥିବା ଦୀପକଙ୍କ ଭଉଣୀ ଥାନାରେ ଅଭିଯୋଗ କରିଥିଲେ।

### ହୁଣ୍ଡି ଭାଙ୍ଗି ସୁନା, ଟଙ୍କା ଚୋରି ଅଭିଯୋଗ ପରେ ପୋଲିସର ତଦନ୍ତ



ବ୍ରହ୍ମପୁର ଅଫିସ,୧୧।୫-ବ୍ରହ୍ମପୁରରେ ଚୋରି, ଲୁଟ ଏବେ ଏକ ନିତିଦିନିଆ ଘଟଣା ହୋଇଛି। ବୈଦ୍ୟନାଥପୁର ଥାନାଞ୍ଚଳରେ ଚୋରି, ଲୁଟ ଭଳି ଘଟଣା ବଢ଼ିବାରେ ଲାଗିଛି। ଚୋର ଓ ଲୁଟେରାଙ୍କୁ ଧରିବା ପାଇଁ ଥାନାରେ ଗଠିତ ପିଓପିଡି ଟିମ୍ ଏବେ ଅସହାୟ ଅବସ୍ଥାରେ ଥିବା ଜଣାପଡ଼ିଛି। ପୋଲିସ ପାଟ୍ରୋଲିଂ ନିଷ୍କ୍ରିୟତାର ଫାଇଦା ଉଠାଇ ଚୋର ଗ୍ୟାଙ୍ଗ ମଙ୍ଗଳବାର ବିଳମ୍ବିତ ରାତିରେ ଆଙ୍କୁଲିର ମା' କନକ ଦୁର୍ଗା ଠାକୁରାଣୀଙ୍କ ଅସ୍ଥାୟୀ ମଣ୍ଡପରେ ଥିବା ଏକ ହୁଣ୍ଡି ଚୋରି କରି ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଯାତ୍ରା କମିଟି ସଭାପତି ଭାଗୀରଥି ମହାରଣା ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଚିରାଚରିତ ଢ଼ଙ୍ଗରେ ତଦନ୍ତ ଆରମ୍ଭ କରିଛି। ଅସ୍ଥାୟୀ ମଣ୍ଡପ ପଛପଟେ ପଡ଼ିଥିବା ହୁଣ୍ଡି ଓ ଲୁଟେରାମାନେ ଛାଡ଼ି ଯାଇଥିବା କିଛି ପଇସା ପୋଲିସ ଜବତ କରିଛି। ଚୋର, ଲୁଟେରାଙ୍କ ସୁରାକ୍ ପାଇବା ପାଇଁ ପୋଲିସ ଏବେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତା ନେଇଛି। ସେହିପରି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ମଧ ସଂଗ୍ରହ କରିଛି।

# ଶାସକ ଦଳକୁ ମୁକାବିଲାରେ ବିଫଳ ବିରୋଧୀ

- ଗଞ୍ଜାମ ଜିଲା ରାଜନୀତିରେ ମାଡ଼ି ଚାଲିଛି ବିଜେଡି
- ମେଣ୍ଟ ଭାଙ୍ଗିବାରୁ ଖାତା ଖୋଲୁନି ଭାଜପା
- କଂଗ୍ରେସ ସକ୍ରିୟ ହେଲେ ଖସିବ ଭାଜପା

ବ୍ରହ୍ମପୁର ଅଫିସ,୧୧।୫

ଗଞ୍ଜାମ ଜିଲା ରାଜନୀତିରେ ଶାସକ ଦଳକୁ ମୁକାବିଲାରେ ବିଫଳ ହୋଇଛି ବିରୋଧୀ। ଜିଲାର ସବୁ ନିର୍ବାଚନରେ ବିଜେଡିର ବିଜୟ ବାନା ଉଡୁଛି। କଂଗ୍ରେସର ସ୍ଥିତି ଦୁର୍ବଳ ଥିବାରୁ ସେହି ସଂଗଠନର ପକେଟ ଭୋଟ ଭାଜପାକୁ ଯାଇଛି। ଫଳରେ ଭାଜପା ଭୋଟ ହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ଯଦି କଂଗ୍ରେସ ସକ୍ରିୟ ହେବ ତେବେ ଭାଜପା ପୁଣି ତୃତୀୟକୁ ଖସିବାର ରାଜନୈତିକ ସମୀକ୍ଷକଙ୍କ ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷରେ ୯୦ ଦଶକର ଦ୍ୱିତୀୟ ଭାଗରେ ରାଜ୍ୟରେ ଆଞ୍ଚଳିକ ଦଳ ବିଜେଡି ଗଠନ ହୋଇଥିଲା। ଘଟଣାଚକ୍ରରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ରାଜନୀତି ଆରମ୍ଭ ହୋଇ ଏହା ୧୦ ବର୍ଷ ଚାଲିଲା। ଗଞ୍ଜାମର ଦୁଇ ଲୋକସଭା ଓ ସବୁ ବିଧାନସଭା ଆସନରେ ଲଢ଼ିବା ପାଇଁ ଦୁଇ ଦଳ ମଧ୍ୟରେ ଭାଗ ବଣ୍ଟା ହୋଇଥିଲା।

କନ୍ଧମାଳ ଜିଲାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଯୋଗୁ ମେଣ୍ଟ ରାଜନୀତିରେ ଫାଟ ଦେଖାଦେଲା। ୨୦୦୮ରେ ମେଣ୍ଟରୁ ଭାଜପା ଓହରିଗଲା। ପରବର୍ତ୍ତୀ ୨୦୦୯ ନିର୍ବାଚନଠାରୁ ଦୁଇ ଦଳ ଏକାକୀ ଲଢୁଛନ୍ତି। ମେଣ୍ଟ ଭାଙ୍ଗିବା ପରେ ଏହି ଜିଲାରେ ଭାଜପା ପ୍ରାର୍ଥୀ ଜିତି ପାରୁନାହାନ୍ତି। ମେଣ୍ଟ ଥିବା ବେଳେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରୁ ଅନାଦି ସାହୁ ୧୯୯୯ ନିର୍ବାଚନରେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୦ ବିଧାନସଭା ନିର୍ବାଚନରେ ଛତ୍ରପୁର ଆସନରୁ ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ପଣ୍ଡା ଜିତି ବିଧାନସଭା ଉପବାଚସ୍ପତି ପଦ ପାଇଥିଲେ। ୨୦୦୪ ନିର୍ବାଚନରେ ସୋରଡ଼ା ନିର୍ବାଚନ ମଣ୍ଡଳୀରୁ ଧରାକୋଟ ରାଜା କିଶୋର ଚନ୍ଦ୍ର ସିଂହ ଦେଓ ଭାଜପାରୁ ବିଧାୟକ ହୋଇଥିଲେ। ୨୦୧୪ ନିର୍ବାଚନ ବେଳେ ଧରାକୋଟ ରାଜ ପରିବାର ବିଜେଡିରେ ଯୋଗ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ରାଜ୍ୟ ରାଜନୀତିରେ ଏକ ନମ୍ବର ହେବାର ଦିବା ସ୍ୱପ୍ନ ଦେଖିଲା। ଏଥିପାଇଁ ବହୁଳ ପ୍ରଚାର ମଧ ହୋଇଥିଲା। ସେତେବେଳେ ପାର୍ଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିଲେ ଅମିତ ଶାହା। ୨୦୧୭ ଜୁଲାଇ ୪ରେ ସେ ଗଞ୍ଜାମ ଜିଲା ଗସ୍ତରେ ଆସି ବ୍ରହ୍ମପୁର ଉପକଣ୍ଠ ଆମ୍ଭପୁଆ ବିବେକ ବିହାର ପଡ଼ିଆରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରିଥିଲେ। ଓଡ଼ିଶାରେ ୧୨୦ ବିଧାନସଭା ଆସନ ଦଖଲ କରି କ୍ଷମତାସୀନ ହେବାର ବୋବାଳି ଛାଡ଼ିଥିଲେ। ତାଙ୍କ ସହ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ନେତା ଆସିଥିଲେ। ସମାବେଶ ପୂର୍ବରୁ ଶାହା ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହୁଗୁଳାପଟା ଗାଁରେ ସଭା କରିବା ସହ ସେଠାର ଏକ ଗରିବ କ୍ଷୁଦ୍ର ବ୍ୟବସାୟୀଙ୍କୁ ଭଙ୍ଗା ଦଦରା ଘରେ ମଧାହ୍ନ ଭୋଜନ କରିଥିଲେ। ଦଳର ଭୋଟ ବ୍ୟାଙ୍କ ବଢ଼ାଇବାକୁ ଏହି ଡ୍ରାମା କରିଥିବା ଅନ୍ୟ ଦଳର ଲୋକେ ପରିହାସ କରିଥିଲେ। ଶାହାଙ୍କ ଆଡ଼ମ୍ବରପୂର୍ଣ୍ଣ ପ୍ରଚାରରେ ବାଉଳା ହୋଇ ବିଭିନ୍ନ ଅଞ୍ଚଳର କଂଗ୍ରେସିଆମାନେ ଭାଜପାରେ ଯୋଗ ଦେଇଥିଲେ। ତେବେ ୨୦୧୯ ନିର୍ବାଚନରେ ଗଞ୍ଜାମରେ ଗୋଟିଏ ବି ଆସନରେ ଜିତି ପାରିଲା ନାହିଁ ଭାଜପା। ସଦ୍ୟ ସମାପ୍ତ ପୌର ଓ ପଞ୍ଚାୟତ ନିର୍ବାଚନରେ ମଧ ଭାଜପା ସମଦଶା ଭୋଗିଛି। ୨୦୧୭ ପଞ୍ଚାୟତ ଓ ୨୦୧୩ ପୌର ନିର୍ବାଚନ ତୁଳନାରେ ଜିଲା ପରିଷଦ ସଭ୍ୟ ଓ ପୌର ସଦସ୍ୟ ସଂଖ୍ୟା ଯଥେଷ୍ଟ କମିଯାଇଛି। ସମଗ୍ର ଜିଲାରେ ବିଜେଡି ମାଡ଼ି ଚାଲିଛି। ତେଣୁ ଭାଜପା ଏକାକୀ ଉପରକୁ ଉଠିବା ରାଜନୈତିକ ସଚେତନ ଜିଲା ଗଞ୍ଜାମରେ ସମ୍ଭବ ନୁହେଁ ବୋଲି ଚଳନ୍ତି ସ୍ଥିତିରେ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ବ୍ରହ୍ମପୁର ପୌର ନିର୍ବାଚନ ପରେ ମେୟର ପ୍ରାର୍ଥୀ ଓ ଜିଲା ସଂଗଠନ ମଧ୍ୟରେ ଫାଟ ଦେଖାଦେଇଛି। ମହିଳା ମେୟର ପ୍ରାର୍ଥୀ ସାଢ଼େ ୪୫ ହଜାର ଭୋଟ ପାଇଥିବାରୁ ଆଗାମୀ ୨୦୨୪ ନିର୍ବାନରେ ବିଧାୟକ ପ୍ରାର୍ଥୀ ଦେବାକୁ ସଜବାଜ ହେଉଥିବା କେତେକ କର୍ମୀ ମହଲରୁ ପ୍ରାକ୍ ସୁରାକ୍ ମିଳିଛି।

### ଗଞ୍ଜେଇ ଭର୍ତ୍ତି କାର୍ ଜବତ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୧।୫

ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ବୁଧବାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ -୧୬ ଲାଞ୍ଜିପଲ୍ଲୀ ବାଇପାସ ନିକଟରୁ ଗଞ୍ଜେଇ ଭର୍ତ୍ତି କାର ଜବତ ହୋଇଛି। ସେଠାରେ ଏକ କାର (ନଂ ଓଡ଼ି-୦୫ ଏ ଡବ୍ଲ୍ୟୁ -୨୪୭୧ ଯାଞ୍ଚ ବେଳେ ସେଥିରୁ ଦୁଇଟି ପକେଟରେ ୫୦ କେଜି ଗଞ୍ଜେଇ ଥିବା ଜଣାପଡିଛି। ଅବକାରୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କନ୍ଧମାଳ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ବନ୍ଧାଗୁଡ଼ା ଗ୍ରାମର ଶୁକ୍ରସେନ ଦିଗାଲ (୩୨)। କନ୍ଧମାଳ ଜିଲା ବାଲିଗୁଡ଼ାରୁ ଏହି ଗଞ୍ଜେଇ ବେଆଇନ ଭାବେ ଅଣାଯାଇ ଭୁବନେଶ୍ୱର ଚାଲାଣ ହେଉଥିଲା ବୋଲି ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉ ବେଳେ ଅବକାରୀ ଇନ୍ସପେକ୍ଟର ହୃଦୟାନନ୍ଦ ସାମନ୍ତ, ଏଏସ୍ଆଇ ବ୍ରଜ ବିହାରୀ ନାୟକ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଦୁର୍ନୀତିଗ୍ରସ୍ତ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ସମ୍ପତ୍ତି ଯାଞ୍ଚ ହେଉ

## ଭାରତୀୟ ବିକାଶ ପରିଷଦ ପକ୍ଷରୁ ଭିଜିଲାନ୍ସ ଏସ୍‌ପିଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୧୧।୫

ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁଙ୍କ ଏକ ଦାବିପତ୍ର ପ୍ରଦାନ କରିବା ସହ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେ ଅଭିଯୋଗ କରିଛନ୍ତି, ଭିଜିଲାନ୍ସ ବିଭାଗ କେବଳ ସରକାରଙ୍କ ତଳିଆ କର୍ମଚାରୀମାନଙ୍କୁ ଟାର୍ଗେଟ କରୁଛି। ସେମାନଙ୍କୁ ଭିଜିଲାନ୍ସ ଟିମ୍ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ହେଉ କିମ୍ବା ଲାଞ୍ଚ ଗ୍ରହଣ ମାମଲାରେ ଗିରଫ କରି ବାହାବା ନେଉଛି। କେବଳ ଅଙ୍ଗନୱାଡି, ରାଜସ୍ୱ ନିରୀକ୍ଷକ, କିରାଣି, କନିଷ୍ଠ ଯନ୍ତ୍ରୀ, ପୋଲିସ ଏଏସ୍ଆଇ, ଇନ୍ସପେକ୍ଟରଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରୁଛି। କାଁ ଭାଁ ନିର୍ବାହୀଯନ୍ତ୍ରୀ, ଅତିରିକ୍ତ ଏସ୍‌ପିଙ୍କୁ ଗିରଫ କରୁଛି। ଅନ୍ୟପଟେ ସରକାରଙ୍କ ବିଭିନ୍ନ ବିଭାଗର ବହୁ ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟାଚାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଗିରଫ କରିବାରେ ଭିଜିଲାନ୍ସ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଅବଲମ୍ବନ କରାଯାଉଥିବା ଏପରି ପାତରଅନ୍ତର ନୀତିକୁ ପରିଷଦ ସମାଲୋଚନା କରିଛି। ଆଗାମୀ ଦିନରେ ଏହାକୁ ବରଦାସ୍ତ କରାଯିବ ନାହିଁ, ଦରକାର ପଡ଼ିଲେ ଏନେଇ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସଭାପତି ପାଣିଗ୍ରାହୀ କହିଛନ୍ତି। ଭିଜିଲାନ୍ସ ଏସପିଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, କିଶୋର ପାତ୍ର, ଗୁରୁଚରଣ ପାତ୍ର, ସରିତା ପାତ୍ର, ଜୟନ୍ତୀ ଦେବୀ ଓ ରାଜେନ୍ଦ୍ର ଦଳବେହେରା ସମେତ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ଏସପି ଅଫିସ ଆଗରେ ଭାରତୀୟ ବିକାଶ ପରିଷଦ କର୍ମକର୍ତ୍ତାଙ୍କ ବିକ୍ଷୋଭ ।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା

## ଅଭିଯୁକ୍ତ ଗିରଫ, ନାବାଳକ ଜେଜେବିରେ ହାଜର

ଗୋପାଳପୁର,୧୧।୫(ଡି.ଏନ.ଏ.)

ନାବାଳିକାଙ୍କୁ ଗଣବଳାତ୍କାର ମାମଲାର ମିଛ ସାକ୍ଷୀ ଦେବା ଓ ଧମକଚମକ ଦେବା ସହ ପୁଣି ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ମାମଲାରେ ଗୋଳନ୍ଥରା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରିଛି। ୨୦୨୦ରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଇ ଯୁବକ ବଳାତ୍କାର କରିଥିଲେ । ପରବର୍ତ୍ତୀ ସମୟରେ ନାବାଳିକାଙ୍କ ଅଭିଯୋଗ କ୍ରମେ ପୋଲିସ ଫକିର ଦାସ ଓ ନିଳମଣିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ବର୍ତ୍ତମାନ ଉଭୟେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ରହିଛନ୍ତି। ଅନ୍ୟପଟେ ଉକ୍ତ ଅଞ୍ଚଳର ବିଦେଶୀ ଦାସ ନାବାଳିକ ଓ ତାଙ୍କ ପରିବାରକୁ ଧମକଚମକ ଦେବା ସହ ମିଛ ସାକ୍ଷୀ ଦେବା ପାଇଁ ଧମକ ଦେଉଥିଲେ। ଗତ ୧ରେ ବିଦେଶୀ ଓ ଉକ୍ତ ଅଞ୍ଚଳର ଜଣେ ନାବାଳକ ସେହି ନାବାଳିକାଙ୍କୁ ଅପହରଣ କରି ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ମା' ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୧/୨୨ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଗ୍ରାମରେ ଚଢ଼ାଉ କରି ବିଦେଶୀ ଓ ନାବାଳକଙ୍କୁ ଧରିଥିଲେ। ସେଠାରୁ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ପଚରାଉଚରା କରିଥିଲା । ଅପହରଣ କରିଥିବା ନାବାଳକ ଜଣକ ବାରମ୍ବାର ମୋତେ ବଳାତ୍କାର କରିଥିବା ଏବଂ ବିଦେଶୀ ମୋତେ ଅପହରଣ କରିଥିବାନେଇ ନାବାଳିକା ଜଣକ ପୋଲିସରେ ପ୍ରକାଶ କରିଥିଲେ। ମଙ୍ଗଳବାର ନାବାଳିକାଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ବୁଧବାର ଗିରିସୋଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାବାଳକଙ୍କ ଡାକ୍ତର ମାଇନା କରାଯାଇ ମାଜିଷ୍ଟ୍ରେଟ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଥିଲା। ଅପରପକ୍ଷରେ ବିଦେଶୀଙ୍କୁ ମଧ ପୋଲିସ ବୁଧବାର କୋର୍ଟଚାଲା କରିଥିଲା। ନାବାଳିକାଙ୍କ ୧୬୪ ସିଆରପିସି ଧାରା ଅନୁସାରେ ବିଚାରପତିଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଜ୍ଞାନ ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ଏମ୍‌କେସିଜିରେ ଦିନକରେ ୩ ଅପମୃତ୍ୟୁ

ବ୍ରହ୍ମପୁର ଅଫିସ,୧୧।୫

ଏମକେସିଜି ମେଡିକାଲ ଫାଣ୍ଡିରେ ଗତ ୨୪ ଘଣ୍ଟା ମଧ୍ୟରେ ୩ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଦୁଇ ଜଣଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ବିଷ କ୍ରିୟାରେ ମୃତ୍ୟୁ ଘଟିଛି। ବୁଧବାର ଫାଣ୍ଡି ପୋଲିସ ପୃଥକ୍ ପୃଥକ୍ ଭାବେ ୩ଟି ମୃତଦେହ ଜବତ କରି ୩ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ ଆସ୍କା ଥାନା ଅନ୍ତର୍ଗତ ଗୋଳାବନ୍ଧପଲିର ଯୁଧିଷ୍ଠିର ମାଳିକ ମଙ୍ଗଳବାର ସନ୍ଧ୍ୟାରେ ଗାଁ ମୁଣ୍ଡରେ ଠିଆ ହୋଇଥିଲେ । ସେଠାରେ ତାଙ୍କୁ ଏକ ଅଟୋ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ବୁଧବାର ପୋଲିସ ମୃତଦେହ ଜବତ କରି ନଂ.୨୪୭/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି କେ.ନୂଆଗାଁ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ମିଟୁ ଗୌଡ଼(୪୨) ମଙ୍ଗଳବାର ରାତ୍ର ଚାଲି ଚାଲି ଘରକୁ ଫେରୁଥିଲେ। ଗାଁ ନିକଟରେ ତାଙ୍କ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ପଡ଼ିଥିଲେ। ମିଟୁଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ରାତିରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ବୁଧବାର ମୃତଦେହ ଜବତ କରି ନଂ.୨୪୮/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିଭଳି ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ରାଳବ ଗ୍ରାମର ସୁରେନ୍ଦ୍ର ବରାଡ଼ କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ବିଷପାନ କରିଥିଲେ। ପରିବାର ଲୋକ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ନଂ.୨୪୯/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଦେବୀ ପ୍ରସନ୍ନ ପଟ୍ଟନାୟକ ସ୍ମୃତି ପଠନ କକ୍ଷ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୧୧।୫

ଉତ୍କଳ ଆଶ୍ରମ ପରିସରରେ ଉତ୍କଳ ଆଶ୍ରମ ଟ୍ରଷ୍ଟ ପ୍ରାକ୍ତନ ଅଧ୍ୟକ୍ଷ ତଥା କଳିଙ୍ଗ ସାହିତ୍ୟ ସମାଜ ଓ ଗଞ୍ଜାମ କଳା ପରିଷଦର ପୂର୍ବତନ ସାଧାରଣ ସମ୍ପାଦକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ସ୍ମୃତିରେ ଦେବୀ ପ୍ରସନ୍ନ ପଟ୍ଟନାୟକ ସ୍ମୃତି ପଠନ କକ୍ଷ ମଙ୍ଗଳବାର ସର୍ବସାଧାରଣଙ୍କ ପାଇଁ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉତ୍କଳ ଆଶ୍ରମ ଟ୍ରଷ୍ଟ ଅଧ୍ୟକ୍ଷ ଓ କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ଼.ସିଦ୍ଧାର୍ଥ ଶଙ୍କର ପାଢୀ ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ କଳା ପରିଷଦ ସଭାପତି କୃଷ୍ଣ ଚରଣ ସିଂହ ଓ ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ଭଞ୍ଜ ବିଶାରଦ ପଦ୍ମଶ୍ରୀ ଡ. ରଜତ କରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ସ୍ୱର୍ଗତ କର ଓଡ଼ିଆ ସଂସ୍କୃତିର ଜଣେ ଉଚ୍ଚକୋଟୀର ପ୍ରବକ୍ତା ବିଶେଷ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ଜଣେ ବିଦଗ୍ଧ ଉପାସକ ଥିଲେ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ.ବନମାଳୀ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ନିଶଙ୍କ, ସୁବୋଧ ପଟ୍ଟନାୟକ, ଡ.ସୁଶାନ୍ତ ଜେନା, ରାଜୁ ପାଢ଼ୀ, ଦୀନବନ୍ଧୁ ଶ୍ରୀପଲ୍ଲବ, ପଦ୍ମିନୀ ମିଶ୍ର, ବିଜୟ ପାଣିଗ୍ରାହୀ, ଡ. ସୁବ୍ରତ କୁମାର ସାହୁ, ଡ.ହୃଷୀକେଶ ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ ଓ ମନୋଜ ଦଣ୍ଡପାଟଙ୍କ ସମେତ କଳିଙ୍ଗ ସାହିତ୍ୟ ସମାଜର ବହୁ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ ।

### ଅଜଣା ବାଇକ୍ ଧକ୍କାରେ ଜଣେ ମୃତ

ଚିକିଟି,୧୧।୫(ଡି.ଏନ.ଏ.)

କେ. ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ବାହିନୀପତି ଗ୍ରାମ ନିକଟରେ ବୁଧବାର ଏକ ଅଜଣା ବାଇକ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରାମପୁର ଗ୍ରାମର ମିଟୁ ଗୌଡ଼। ମଙ୍ଗଳବାର ରାତିରେ ମିଟୁ ନିଜ ଘରକୁ ଫେରୁଥିବା ବେଳେ ବାହିନୀପତି ଗ୍ରାମ ନିକଟରେ ଏକ ବାଇକ ଆସି ଧକ୍କା ହେବା ଫଳରେ ମିଟୁ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିଟି ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୁଟୁଙ୍କ ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନଙ୍କୁ ଯୋଗାଯୋଗ ବେଳେ ତଦନ୍ତ ଜାରି ରହିଥିବା କହିଛନ୍ତି।

# ଅନ୍ତର୍ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ବ୍ରହ୍ମପୁରର ପ୍ରମୋଦ

ବ୍ରହ୍ମପୁର ଅଫିସ, ୧୧।୫

ଚଳିତ ମାସ ୨୮ ରୁ ୩୦ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ବ୍ୟାଙ୍କକଠାରେ ଥାଇଲାଣ୍ଡ ଡ଼ାଇମଣ୍ଡ ଷ୍ଟାର ଗେମ୍ସ ଚାମ୍ପିୟନଶିପ୍-୨୦୨୨ ଅନୁଷ୍ଠିତ ହେବ। ଏଥିରେ ଜାତୀୟ ସ୍ତରରେ ହରିୟାଣା, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଓଡ଼ିଶାର ମନୋନୀତ ୭ ପ୍ରତିଯୋଗୀ ବକ୍ସିଂରେ ଆନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗୀତାରେ ଓଡ଼ିଶାର ଏକମାତ୍ର କ୍ରୀଡ଼ାବିତ୍ ଭାବେ ବ୍ରହ୍ମପୁରର ପ୍ରମୋଦ ଆପଟ ଜାତୀୟ ସ୍ତରୀୟ ବକ୍ସିଂ ଦଳରେ ସ୍ଥାନ ପାଇଛନ୍ତି। ୬୦-୬୪ ବର୍ଗରେ ଆନ୍ତର୍ଜାତୀୟ ପ୍ରତିଯୋଗୀତାରେ ଭାରତର ପ୍ରତିନିଧିତ୍ୱ କରିବା ନିମନ୍ତେ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଶେଷ ଥର ନିମନ୍ତେ ଚଳିତ ବର୍ଷ ଜାନୁୟାରୀ ଶେଷ ସପ୍ତାହରେ କର୍ଣ୍ଣାଟକରେ ଅନୁଷ୍ଠିତ ହୋଇଥିବା ଓପନ ନ୍ୟାସନାଲ ଚାମ୍ପିୟନସିପ୍ ବକ୍ସିଂ ପ୍ରତିଯୋଗୀତାରେ ୬୦-୬୪ ସିନିୟର ବର୍ଗରେ ପ୍ରମୋଦ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଫଳରେ ଆନ୍ତର୍ଜାତୀୟ ପ୍ରତିଯୋଗୀତା ନିମନ୍ତେ ତାଙ୍କ ପଥ ପରିଷ୍କାର ହୋଇଥିଲା। ବ୍ୟାଙ୍କକ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ଆନ୍ତର୍ଜାତୀୟ ପ୍ରତିଯୋଗୀତା ନିମନ୍ତେ ପୂର୍ବରୁ ୪୦୦ ମିଟର ଦୌଡ଼ ଓ ୨୦୦ ମିଟର ଦୌଡ଼ ପ୍ରତିଯୋଗୀତା ନିମନ୍ତେ ମୋନୀନିତ ହୋଇଥିବା ପଞ୍ଚାନନ ସେଠୀ ଓ ଡ଼ି.ସନ୍ଦୀପ ପାତ୍ରଙ୍କ ସହ ପ୍ରମୋଦ କୋଲକତାରୁ ମେ'୨୪ ରେ ଜାତୀୟ ଦଳ ସହ ଥାଇଲାଣ୍ଡ ଅଭିମୁଖେ ବାହାରିବେ ।




ପ୍ରମୋଦ ଆପଟ ।

FORM No.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA.
O.A. No. 103/2020
SBI, SARB, CUTTACK ...Applicant
Versus
M/s Mahaveer Agencies, Prop: Subash Chandra Lenka ...Defendants
To,
Subash Chandra Lenka, Prop: M/s Mahaveer Agencies, At: Sagadia Sahi, Ranihat, Cuttack
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No.103/2020 in the court of the Debts of Recovery Tribunal, Cuttack for recovery of Rs.11,16,632.00 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within 30 days from the publication or on 24/06/2022 at 10.30 a.m as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 06th day of May 2022.
Sd/- (M. K. Patnaik)
REGISTRAR

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ
ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର
OFFICE OF THE PROJECT ADMINSTRATOR, ITDA, PHULBANI
ST & SC Development Department, Government of Odisha
Tel.: (06842) 254149, E-Mail: itdaphulbani@gmail.com
No. 966 Date: 10.05.2022
TENDER CALL NOTICE
Sealed tenders are invited from intending firms/companies having valid registration PAN/GSTIN No. for supply & installation of (1) Jack Fruit Processing unit in the Kaladi Village or nearby village of Panga Uppersahi GP of Phiringia Block in Kandhamal District. Jack Fruit Processing unit should have the capacity of Dryer of 200/300 Kg. Per day, Hammer Mill (Pulverisering Dried Pods & Seeds) - 10 HP, Pulper - 1 HP, Fruit Mill - 3 HP, Electric Kettle (Sautiner for preparing the Jam, Sauce, Squach, Pulp Concentric etc.), Freeger - 700 Liter, Band Sealing Machine - 1, Weighing Machine, Cutting Knife, Small Knifes, Vessels, Commercial Burner, Industrial Gas Strainer (Steel/Aluminum), Working table, Racks and Pre-fabricated Factory shed 40 × 20 × 12 feet with partition and 03 Nos. door. (2) Mango Processing Unit in the Gagadpadar Village or nearby village of Sumurbandha GP of Phiringia Block in Kandhamal District. Mango Processing Unit should have the capacity of Pulper Machine - 2 HP, Deep Freeger - 500 Liter, Fruit Mill Crusher/Fine Pulper, Vaccum Evaporator Kettle, Boiler (Wooden Fired), Stainless Steel Tank, Volumetric Liquid Filling Machine, Lug cap sealing machine and Pre-fabricated Factory Shed structure 40 × 20 × 12 feet with two parturition and 03 Nos. door. The component wise details must be mentioned in the tender call notice. The financial bid paper must be submitted separately. The details of tender call notice can be downloaded from district website www.kandhamal.nic.in. The sealed tender must reach in the Office of the Project Administrator, ITDA, Phulbani, Dist.- Kandhamal, Odisha, PIN - 762001 latest by 24.05.2022 by 5.00 P.M. through Registered/Courier/Speed Post. The tender will be opened on 25.05.2022 at 11.00 A.M. in the Office of Project Administrator, ITDA, Phulbani in presence of the Technical Committee. The tender paper can be obtained in the Office of the PA, ITDA, in any working day during the official hours on payment of 5000/- (Rupees five thousand) only or can be downloaded from the district website. The bidders those who download tender paper online should pay the tender paper cost in shape of DD in favour of Project Administrator, ITDA, Phulabni payable at Phulbani.
Sd./- Project Administrator, ITDA, Phulbani

## ସଂକ୍ଷେପରେ

### ଗାତ ଖୋଳାରେ ଅଟକିଛି ସ୍ମାର୍ଟ ସ୍କୁଲ କାର୍ଯ୍ୟ

ଆର.ଉଦୟଗିରି,୧୧।୫(ଡି.ଏନ.ଏ.)- ଉନ୍ନତମାନର ପାଠାଗାର ସ୍ଥାପନ କରି ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ରାଜ୍ୟ ସରକାର ୫-ଟି ପଦ୍ଧତିରେ ଉଚ୍ଚ ବିଦ୍ୟାଳୟଗୁଡିକୁ ରୂପାନ୍ତରିତ କରୁଛନ୍ତି। ମୋହନା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସରେ ଉଦଘାଟିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୧୭ଟି ବିଦ୍ୟାଳୟ ରୂପାନ୍ତରଣ ନିମନ୍ତେ ସରକାର ଅର୍ଥ ଯୋଗାଇଥିଲେ। ସେଥିରୁ କେତେକ ବିଦ୍ୟାଳୟ କାର୍ଯ୍ୟ ଶେଷ ସରିଥିବା ବେଳେ ଆଉ କେତେକ କାର୍ଯ୍ୟ ଚାଲିଛି। ହେଲେ ବ୍ଲକର କଟାମାସ୍ଥିତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଗାତ ଖୋଳାରେ ଅଟକି ରହିଛି। ଠିକାଦାର କାହିଁକି କାର୍ଯ୍ୟ କରୁନାହାନ୍ତି ତାହା କେହି କହିପାରୁନାହାନ୍ତି। ବିଭାଗୀୟ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଉକ୍ତ କାର୍ଯ୍ୟ ହେଉଥିଲେ ମଧ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

### ହରଭଙ୍ଗି ଡ୍ୟାମ୍‌ରେ ବେଲାଙ୍ଗିନ ପର୍ବ ପାଳନ

ଆର.ଉଦୟଗିରି,୧୧।୫(ଡି.ଏନ.ଏ.)- ମୋହନା ବ୍ଲକ ନିକଟସ୍ଥ ବିରିକୋଟ ପଞ୍ଚାୟତ ଅନ୍ତର୍ଗତ ହରଭଙ୍ଗି ଡ୍ୟାମ୍‌ଠାରେ ମାଁ ବେଲାଙ୍ଗିନ ଯାତ୍ରା ପାଳନ ହୋଇଛି। କରୋନା ପାଇଁ ଦୁଇ ବର୍ଷ ବନ୍ଦ ରହିଥିଲା ଏହି ପର୍ବ। ଚଳିତବର୍ଷ ୫ ହଜାର ଲୋକ ଏହି ପର୍ବରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ମୋହନା ବ୍ଲକ ଅଧକ୍ଷ ରଞ୍ଜିବ ଶବର, ଜିଲା ପରିଷଦ ଉପଧକ୍ଷା କୁନ୍ତଳା ମଲ୍ଲିକ, ବିରିକୋଟ ସରପଞ୍ଚ ମୋକ୍ଷା ମାଝୀ, ରାୟଗଡ଼ା ଜିଲାର ମୁଖ୍ୟ ବିଶ୍ୱପ ଧର୍ମ ଯାଜକ ଆପିଲିନା ସେନାପତି, ମୁଖ୍ୟ ପୁରୋହିତ, ମୋହନା ପାରିଷ, ବିରିକୋଟ ପାରିଷ, ଆଲିଗଣ୍ଡା ପାରିଷ, ରାଇଫଙ୍କା ପାରିଷ, ଯୁବ ପାରିଷ ଉପସ୍ଥିତ ଥିଲେ। ଅଡବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସଦଳବଳ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବାସ କରୁଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏହି ପର୍ବକୁ ଧୁମଧାମରେ ପାଳନ କରନ୍ତି। ଏହି ପର୍ବକୁ ଗଞ୍ଜାମ, ଗଜପତି, ରାୟଗଡା, କନ୍ଧମାଳ ସମେତ ରାଜ୍ୟ ବାହାରୁ ମଧ ଖ୍ରୀଷ୍ଟ ବିଶ୍ୱାସୀମାନେ ଉପସ୍ଥିତ ରହିବା ସହ ଉପବାସ ରହି ଏହି ପର୍ବ ପାଳନ କରୁଥିବା ଶୁଣିବାକୁ ମିଳେ।

### ବାଇକ୍ ଦୁର୍ଘଟଣା, ୨ ଗୁରୁତର

ଫୁଲବାଣୀ ଅଫିସ,୧୧।୫- ସଦର ଥାନା ଅନ୍ତର୍ଗତ କୁମୁରିଗୁଡା ନାଳ ନିକଟରେ ବୁଧବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଫିରିଙ୍ଗିଆ ଥାନା ରତଙ୍ଗ ପଞ୍ଚାୟତ ସେସ୍କାଯୋଡି ଗ୍ରାମର ଶଙ୍କର ଦିଗାଲ ଓ ମାଣିଯୋଡା ଗ୍ରାମର ଗୁରୁଦେବ ମଲିକ। ଉଭୟେ କୌଣସି କାର୍ଯ୍ୟରେ ବାଇକରେ ଫୁଲବାଣୀ ଆଡକୁ ଆସୁଥିବା ବେଳେ କୁମୁରିଗୁଡା ପୋଲ ନିକଟରେ ଗାଡି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଫଳରେ ସେମାନେ ଆହତ ହୋଇ ରାସ୍ତାରେ ପଡି ରହିଥିଲେ। ସେ ସମୟରେ ଫିରିଙ୍ଗିଆରୁ ଫେରୁଥିବା ଗୋଚ୍ଛାପଡା ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ପ୍ରଶାନ୍ତ କୁମାର ସାହୁ ଆମ୍ବୁଲାନ୍ସ ଡକାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବାଇକ ଚାଳକ ଗୁରୁଦେବଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସଦର ଥାନା ଏସଆଇ ଯୁଗଳ କିଶୋର ନାୟକ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରଛନ୍ତି।

# ଜଙ୍ଗରଡ଼ା: ବର୍ଷ ସାରା ପାଣି ଅଭାବ

**ସେମିଳିଗୁଡ଼ା/ସୁନାବେଡ଼ା, ୧୧।୫(ସ୍ୱ.ପ୍ର.)**

- ଟାଣ ଖରା ନ ହେଲେ ଚାଲେନି ସୌରଚାଳିତ ମୋଟର ପମ୍ପ
- ୨୫୦ ଛାତ୍ରୀଛାତ୍ରଙ୍କ ପାଇଁ ରହିଛି ୬ ଶ୍ରେଣୀଗୃହ
- ହିତାଧିକାରୀଙ୍କୁ ମିଳୁନି ଆବାସ,ବିଜୁ ପକ୍କାଘର

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ସାଡାମ ପଞ୍ଚାୟତ ଅନ୍ତର୍ଗତ ଜଙ୍ଗରଡ଼ା ଗ୍ରାମରେ ବିଭିନ୍ନ ସମସ୍ୟାରେ ଗ୍ରାମବାସୀ ଚଳୁଛନ୍ତି। ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳିପାରିନାହିଁ। ସରକାରଙ୍କ ସବୁ ଯୋଜନା ଏଠାରେ ଫେଲ୍ ମାରିବା ପରି ମନେହୁଏ। ୧୨୦ ପରିବାରର ୫ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଜଙ୍ଗରଡ଼ା ଗ୍ରାମରେ ବର୍ଷ ତମାମ ପାଣି ସମସ୍ୟା ଲାଗି ରହିଛି। ଦୁଇଟି ନଳକୂଅ ଥିଲେ ମଧ ସେଥିରୁ ଗୋଟିଏ ଅଚଳ ଥିବାବେଳେ ଅନ୍ୟଟି ଆଂଶିକ କାମ କରୁଛି। ଅଳ୍ପ ସମୟ ଭଲ ପାଣି ବାହାରିବା ପରେ ମାଟିପାଣି ବାହାରୁଛି। ଫଳରେ ଗ୍ରାମବାସୀ


ଜଙ୍ଗରଡ଼ା ଗ୍ରାମ।

୨ କି.ମି. ଦୂରରେ ଥିବା ବଡ଼ନଦୀ ଉପରେ ପାନୀୟ ଜଳ ପାଇଁ ନିର୍ଭର କରନ୍ତି। ଗ୍ରାମରେ ଏକ ସୌରଶକ୍ତି ଚାଳିତ ମୋଟର ପମ୍ପ ବସାଯାଇଛି ସତ, ମାତ୍ର ଏହା ଟାଣଖରା ହେଲେ କାର୍ଯ୍ୟକ୍ଷମ ହୁଏ ନଚେତ୍ ସକାଳୁ କିମ୍ବା ମେଘୁଆ ପାଗ ହେଲେ ଚାଲେ ନାହିଁ। ଗ୍ରାମରେ ଥିବା ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ରୁ ଅଧିକ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଏତେ ସଂଖ୍ୟକ ପିଲାଙ୍କ ପାଇଁ ଶ୍ରେଣୀଗୃହ ରହିଛି ମାତ୍ର ୬ଟି। ଗ୍ରାମରେ ବିଦ୍ୟୁତ୍ ବ୍ୟବସ୍ଥା ଥାଇ ନ ଥିବା ସହ ସମାନ। ସବୁବେଳେ ବିଦ୍ୟୁତ୍ କାଟ ଯୋଗୁ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ମଧ ବାଧାପ୍ରାପ୍ତ ହୋଇଥାଏ। ଗ୍ରାମର ଯୋଗ୍ୟ ହିତାଧିକାରୀଙ୍କୁ ୩ ବର୍ଷ ହେବ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଇନାହିଁ। ପ୍ରଶାସନପକ୍ଷରୁ ଏ ଦିଗରେ ପଦକ୍ଷେପ ନେଇ ସମସ୍ୟା ଦୂରକରିବା ଲାଗି ସାଧାରଣରେ ଦାବି ହେଉଛି।

## ବିଜେଡି ନେତା ଦ୍ୱୟଙ୍କୁ ହତ୍ୟା ଘଟଣା

# ୩ ଦିନିଆ ପୋଲିସ ରିମାଣ୍ଡରେ ୩ ସୁପାରିକିଲର

**ଦିଗପହଣ୍ଡି,୧୧।୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ପାଲଝାଡି ଗ୍ରାମର ଦୁଇ ବିଜେଡି ନେତା ସୁଦର୍ଶନ ସୁଆର ଏବଂ ସୁଧୀର ଚନ୍ଦ୍ର ପାତ୍ରଙ୍କ ହତ୍ୟା ଘଟଣାରେ ପୋଲିସ ଅଧିକ ତଥ୍ୟ ଆଦାୟ ପାଇଁ ଉଦ୍ୟମ ଆରମ୍ଭ କରିଛି। ଗତ ପଞ୍ଚାୟତ ନିର୍ବାଚନ ପରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ସୁପାରୀ କିଲରମାନଙ୍କ ମାଧ୍ୟମରେ ଦୁଇ ନେତାଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲକୁ ପଠାଇ ଦିଆଯାଇଥିଲା। ସେମାନେ ହେଲେ କୁକୁଡାଖଣ୍ଡିର ବୁଡୁ ଦାସ, ଲାଠି ଗ୍ରାମର କୁନା ଗୌଡ଼, ଜଗନ୍ନାଥପୁର ଗ୍ରାମର ବି. ଦେବରାଜ ରେଡି, ପାଳଝାଡି ଗ୍ରାମର କୃଷ୍ଣଚନ୍ଦ୍ର ଗୌଡ, ବସନ୍ତ କୁମାର ଗୌଡ, ଗଡ ସାମନ୍ତରାପୁର ଗ୍ରାମର ସିଦ୍ଧାନ୍ତ ଗୌଡ ଏବଂ ଆଦିକନ୍ଦପୁର ଗ୍ରାମର ସନ୍ତୋଷ କୁମାର ପ୍ରଧାନ। ଦିଗପହଣ୍ଡି ଥାନା ମାମଲା ନଂ. ୧୪୫/୨୨ ପ୍ରକାରେ ସମସ୍ତ ଅଭିଯୁକ୍ତ ଦିଗପହଣ୍ଡି ସବ ଜେଲରେ ରହିଛନ୍ତି। ହତ୍ୟା ମାମଲାର ତଦନ୍ତ ସମୟରେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ କୁମାର ଗୌଡ଼ର ଗଞ୍ଜେଇ କାରବାର ସହ ସମ୍ପୃକ୍ତ ଥିବା ଏବଂ ତାକୁ ଗିରଫ ସମୟରେ ଗଞ୍ଜେଇ ଜବତ ହୋଇଥିବାରୁ ପ୍ରଶାନ୍ତ ଓ ତାଙ୍କ ଅନ୍ୟ ସହଯୋଗୀ ସୁମନ୍ତ କୁମାର ନାହାକଙ୍କୁ ଅନ୍ୟ ଏକ ମାମଲା ନଂ. ୧୪୭/୨୨ରେ ବ୍ରହ୍ମପୁର ଜେଲକୁ ପଠାଯାଇଥିଲା। ଏହି ସମ୍ବେଦନଶୀଳ ଘଟଣାରେ ଅଧିକ ତଥ୍ୟ ହାସଲ କରିବା ଲକ୍ଷ୍ୟରେ ବର୍ତ୍ତମାନ ପୋଲିସ ତାର ତଦନ୍ତ ପ୍ରକ୍ରିୟାକୁ ବ୍ୟାପକ କରି ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତଙ୍କ ସହ ସିଧାସଳଖ ହତ୍ୟାକାଣ୍ଡରେ ସମ୍ପୃକ୍ତ କୁନା ଗୌଡ଼, ବୁଡୁ ଦାସ ଓ ଦେବରାଜଙ୍କ ମଧ୍ୟରେ ମୁହାଁମୁହିଁ ଜେରା କରିବା ଚାହୁଁଥିବା ଜଣାପଡିଛି। ସେଥିପାଇଁ ଦିଗପହଣ୍ଡି ମାଜିଷ୍ଟ୍ରେଟଙ୍କ ଅନୁମତି କ୍ରମେ ଦିଗପହଣ୍ଡି ପୋଲିସ ଅଭିଯୁକ୍ତ କୁନା, ବୁଡୁ ଓ ଦେବରାଜଙ୍କୁ ବୁଧବାରଠାରୁ ୩ ଦିନିଆ ରିମାଣ୍ଡରେ ନେଇଛି। ସେହିଭଳି ବ୍ରହ୍ମପୁର ଜେଲରୁ ପ୍ରଶାନ୍ତ ଓ ସୁମନ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ସ୍ୱତନ୍ତ୍ର ଜିଲା ଜଜ୍‌ଙ୍କ ନିକଟରେ ଆବେଦନ ମଧ କରାଯାଇଛି। ଗୁରୁବାର ରିମାଣ୍ଡ ଅନୁମତି ମିଳିବା ପରେ ହତ୍ୟା ଘଟଣାରେ ପୋଲିସ ଅନେକ ରହସ୍ୟର ଉନ୍ମୋଚନ କରିପାରେ ବୋଲି ନଜର ରହିଛି।

# ୨.୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୪ ଗିରଫ



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତମାନେ।

**ସୁନାବେଡା/ସେମିଳିଗୁଡା,୧୧।୫ (ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ବଲେରୋରୁ ୨୬୬ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଝାଡଖଣ୍ଡ ବୋକାରୋ ଜିଲାର ସୁରେନ୍ଦ୍ର କାରମାଲି(୩୦) କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳର ଚୈତନ ଖିଲ, ମାଛପୁଟ ଗ୍ରାମର ଚୈତନ୍ୟ ପାଙ୍ଗି(୪୨) ଓ ବିହାର ଭୋଜପୁର ଜିଲାର ଛୋଟନ ରାମ (୪୮) ବୋଲି ସୁନାବେଡା ଏସଡିପିଓ ମନୋଜ ବେହେରା କହିଛନ୍ତି। ଖବରରୁ ଜଣାପଡିଛି ବୁଧବାର ସେମିଳିଗୁଡା ଥାନା ସମ୍ମୁଖରେ ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ସମୟରେ ବୋଲେରୋ (ଓଡ଼ି୦୫ଏସି-୩୮୪୨)ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇଥିଲେ। ଏହି ବୋଲେରୋ ପହଞ୍ଚିବା ପରେ ଏସଆଇ ଦୀପକ ବାରିକ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ୮୦ଟି ପ୍ଲାଷ୍ଟିକ ପରିବା ଟ୍ରେରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ପୋଲିସ ଏହାକୁ ଜବତ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ନଗଦ ୧୧ ହଜାର ଟଙ୍କା, ୫ଟି ମୋବାଇଲ ଫୋନ, ଗୋଟିଏ ବାଇକ୍ (ଏପି୩୧ଏଡବ୍ଲ୍ୟୁ୧୫୬୧) ଜବତ ହୋଇଛି। ଏନେଇ କେସ ନଂ. ୭୫/୨୨ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର କହିଛନ୍ତି।

## ଅସାନି ପ୍ରଭାବ: ପହଞ୍ଚିଲା ଓଡ୍ରାଫ୍ ଟିମ୍

**ମାଲକାନଗିରି,୧୧।୫(ଡି.ଏନ୍.ଏ.)**

ଓଡ଼ିଶାରେ ବାତ୍ୟା ଅସାନି ପ୍ରଭାବ ମାଲକାନଗିରି ଜିଲାକୁ ପଡ଼ିବ ବୋଲି ସୂଚନା ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ବିଶାଳ ସିଂଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ବସି ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯିବା ସହ ଜିଲାର ୭ଟି ବ୍ଲକର ସବୁ ବିଡିଓ ଏବଂ ତହସିଲଦାର, ପିଇଓ, ରାଜସ୍ୱ ନିରୀକ୍ଷକ, ସରପଞ୍ଚମାନଙ୍କୁ ସଜାଗ ରଖାଯାଇଛି। ବୁଧବାର ମାଲକାନଗିରି ଜିଲାରେ ଦୁଇଟି ଓଡ୍ରାଫ୍ ଟିମ୍ ପହଞ୍ଚିଛନ୍ତି। ଗୋଟିଏ ଟିମ୍ ଆନ୍ଧ୍ର ସୀମାନ୍ତ ମୋଟୁଠାରେ ଏବଂ ଅନ୍ୟ ଏକ ଟିମ୍ ଜିଲା ସଦର ମହକୁମାରେ ନିୟୋଜିତ ହୋଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଡ୍ରହାକୁ ଡ୍ରହା ଝିପିଝିପି ବର୍ଷା ଲାଗି ରହିଛି। ନଦୀକୂଳିଆ ଅଞ୍ଚଳର ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ସତର୍କ କରାଯାଇଛି। ଚାଷୀମାନେ ବର୍ଷା ଭୟରେ ସେମାନଙ୍କ ପନିପରିବା ଓ ପାଚିଲା ଧାନ କାଟି ସୁରକ୍ଷିତ ସ୍ଥାନକୁ ନେଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ବୁଧବାର ଜିଲାର ସମସ୍ତ ବିଦ୍ୟାଳୟ ଦିନକ ପାଇଁ ଛୁଟି ଘୋଷଣା କରାଯାଇଥିଲା।

# ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

**ପାରଳାଖେମୁଣ୍ଡି,୧୧।୫(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ପ୍ରକାରେ ଗଜପତି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିଛି। ବୁଧବାର ସକାଳୁ ଝିପିଝିପି ବର୍ଷା ଲାଗି ରହିଛି। ଯେଉଁ ସବୁ ପାହାଡିଆ ସମ୍ବେଦନଶୀଳ ଅଞ୍ଚଳରେ ଅଧିକ ବର୍ଷା ହେବା ଫଳରେ ପାହାଡ ଧସିବା ଆଶଙ୍କା ବା ପୂର୍ବରୁ ଯେଉଁ ସବୁ ଅଞ୍ଚଳରେ ଦୁର୍ଘଟଣା ଘଟିଛି ସେହି ସେହିଭଳି ୨୪ଟି ଅଞ୍ଚଳକୁ ଚିହ୍ନଟ କରି ସେଠାରେ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ କରାଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସମସ୍ତ ସାତୋଟି ବ୍ଲକରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯାଇଥିବା ଜିଲାପାଳ ଲିଙ୍ଗରାଜ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଦୁଇଟି ଓଡ୍ରାଫ ଟିମ ସହ ଜିଲାର ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସେମାନଙ୍କୁ ୩ ଭାଗରେ ବିଭକ୍ତ କରି କାଶୀନାଗର, ଗୋଷାଣୀ, ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ଅଞ୍ଚଳରେ ମୁତୟନ କରାଯାଇଛି। ସେଭଳି ଜିଲାର ୭ ବ୍ଲକରେ ସ୍ୱତନ୍ତ୍ର ୮ଜଣ ଅଧିକାରୀକୁ ପରସ୍ଥିତି ଉପରେ ନଜର ରଖିବାସହ ବିଭିନ୍ନ ଅଙ୍ଗନବାଡି, ସ୍କୁଲଘର ଓ ସରକାରୀ ଅନୁଷ୍ଠାନରେ ୩୨୧ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯାଇଛି। ଜିଲାର ତିନି ଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଆବଶ୍ୟକ ସ୍ଥଳେ ଜିଲାର ମୋଟ ୧୧୪ ପଞ୍ଚାୟତର ୧୫୬୫୧ଜଣ ଲୋକଙ୍କୁ ସ୍ଥାନାନ୍ତର କରିବା ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି।

# ବର୍ଷେ ହେଲାଣି ଫଟା ପାଇପ୍ ମରାମତି ହେଉନି

**ମାଲକାନଗିରି,୧୧।୫ (ଡି.ଏନ.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡଘାଟ ପଞ୍ଚାୟତର ଅମଳାବଟା ଗ୍ରାମରେ ବଢ଼ିବାରେ ଲାଗିଛି ଜଳ କଷ୍ଟ। ଗ୍ରାମରେ ପାନୀୟ ଜଳ ଯୋଗାଣ ଲାଗି ପାଇପ ଲାଇନ ବ୍ୟବସ୍ଥା ରହିଛି। ତେବେ ଏକ ବର୍ଷ ହେଲାଣି ଏହି ପାଇପ ଫାଟି ଯାଇଥିବାରୁ ଲୋକଙ୍କୁ ଆଉ ଠିକ ରୂପେ ପାନୀୟ ଜଳ ମିଳିପାରୁନାହିଁ। ପାଇପରେ ପାଣି ଆସୁଛି ହେଲେ ଫଟା ପାଇପ ଦେଇ ତାହା ମାଟିରେ ମିଶୁଛି। ଅନେକ ଥର ପାଇପ ଲାଇନ ମରାମତି ପାଇଁ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ତାହା ହୋଇପାରିନାହିଁ। ଫଳରେ


ପାଇପ୍ ନିକଟରେ ଚୁଆ କରି ଗ୍ରାମବାସୀ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

ବାଧ ହୋଇ ଲୋକେ ପାଇପର ଫାଟି ଯାଇଥିବା ସ୍ଥାନରେ ଏକ ଗାତ ଖୋଳି ଚୁଆ କରି ସେଥିରୁ ଜଳ ସଂଗ୍ରହ କରୁଛନ୍ତି। ଲୋକେ ଆବଶ୍ୟକ ଅନୁଯାୟୀ ପାଣି ପାଉ ନ ଥିବାରୁ ଗ୍ରାମଠାରୁ କିଛି ଦୂରରେ ଥିବା ନଦୀରୁ ପାନୀୟଜଳ ସଂଗ୍ରହ କରି ଚଳୁଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲକ୍ଷାଧିକ ଟଙ୍କାର ମଦ,ପୋଚ ଜବତ

**ଜୟପୁର, ୧୧।୫ (ନି.ପ୍ର.)**

ଜୟପୁର ଅବକାରୀ ବିଭାଗ ବୁଧବାର ଲିମା ଗ୍ରାମ ନିକଟସ୍ଥ ନଦୀ ତଟରେ ଲୁଚାଇ ରଖାଯାଇଥିବା ୬ ହଜାର ୮ ଶହ ଲିଟର ପୋଚ ଓ ୫୬୦ ଲିଟର ଦେଶୀ ମଦ ଜବତ କରିଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାର୍ଣ୍ଡି ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ରିତୁ ସିଂ ଉପସ୍ଥିତ ଥିଲେ।

# ଇସ୍ରୋ ଯୁବବିଜ୍ଞାନୀ କାର୍ଯ୍ୟକ୍ରମକୁ ଦାମନଯୋଡ଼ିର ଅଂଶୁମାନ ମନୋନୀତ

**ଦାମନଯୋଡ଼ି,୧୧।୫(ଡି.ଏନ୍.ଏ.)**



ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋର ଯୁବବିଜ୍ଞାନୀ କାର୍ଯ୍ୟକ୍ରମ ୨୦୨୨ ପାଇଁ ଦାମନଯୋଡ଼ି ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଅଂଶୁମାନ ସାହୁ ମନୋନୀତ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ୧୫୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣଙ୍କ ମଧ୍ୟରେ ଅଂଶୁମାନ ସ୍ଥାନ ପାଇ ଦାମନଯୋଡ଼ି ତଥା କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଚଳିତ ମେ ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ଅବସ୍ଥିତ ଇସ୍ରୋର ୫ଟି ଶାଖା କେନ୍ଦ୍ରରେ ଅନୁଷ୍ଠିତ ହେବ। ସେଥିରୁ ହାଇଦ୍ରାବାଦସ୍ଥିତ ଜାତୀୟ ସୁଦୂର ସମ୍ବେଦନ କେନ୍ଦ୍ର (ଏନ୍‌ଆର୍‌ଏସ୍‌ସି)ଠାରେ ଅଂଶୁମାନ ମେ ୧୫ରେ ଯୋଗଦେବେ। ସେଠାରେ ବିଭିନ୍ନ କର୍ମଶାଳା ଓ ବୈଜ୍ଞାନିକଙ୍କ ସହ ଆଲୋଚନାରେ ସେ ଅଂଶଗ୍ରହଣ କରିବେ। ମେ ୨୬ରୁ ୨୮ ପର୍ଯ୍ୟନ୍ତ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ର (ଏସ୍‌ଡିଏସ୍‌ସି) ଓ ରକେଟ ଉତ୍କ୍ଷେପଣ କେନ୍ଦ୍ର ପରିଦର୍ଶନ କରି ଇସ୍ରୋ ଅଧକ୍ଷଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇବେ ଅଂଶୁମାନ। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବିଦ୍ୟାଳୟ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଅଂଶୁମାନ ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରିରେ କାର୍ଯ୍ୟରତ ଶିକ୍ଷକ ରବୀନ୍ଦ୍ର ସାହୁ ଓ ପ୍ରାଣୀଧନ ନିରୀକ୍ଷକ ରୂପେ କାର୍ଯ୍ୟରତା ନିର୍ମଳା ସାହୁଙ୍କ ପୁଅ।

# ସରିଲା ଗ୍ରାମଦେବୀ ଠାକୁରାଣୀଙ୍କ ଘଟଯାତ୍ରା

**ପଟ୍ଟାଙ୍ଗୀ,୧୧।୫(ଡି.ଏନ.ଏ)**

**ସ୍ଥାୟୀ ମନ୍ଦିରକୁ ବିଜେ କଲେ ମାଁ ଗାଙ୍ଗମା**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଗ୍ରାମ ଦେବୀ ମାଁ ଗାଙ୍ଗମାଙ୍କ ନବରାତ୍ର ଘଟ ଯାତ୍ରା ଶେଷ ହୋଇଛି। ବୁଧବାର ମା' ଅସ୍ଥାୟୀ ମଣ୍ଡପରୁ ମନ୍ଦିରକୁ ଫେରିଛନ୍ତି। ଏହି ନବରାତ୍ର ଘଟଯାତ୍ରା ୨ ତାରିଖରୁ ଆରମ୍ଭ ହୋଇ ୯ ଦିନ ଧରି ଚାଲିଥିଲା। ଜଗନ୍ନାଥ ମନ୍ଦିର ନିକଟରେ ଥିବା ଅସ୍ଥାୟୀ ମଣ୍ଡପରେ ମା' ପୂଜା ପାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଅସ୍ଥାୟୀ ମଣ୍ଡପରେ ପ୍ରଥମ ଦିନ ପହଞ୍ଚିବା ପରେ ବିଶ୍ରାମ ନେଇ ଦ୍ୱିତୀୟ ଦିନ ହରିଜନ ସାହିରେ ଥିବା ତାଙ୍କ ମା' ଘରକୁ ଯାଇ ଫେରି ଆସିଥିଲେ। ତୃତୀୟ ଦିନ ଠାକୁରାଣୀ ଗ୍ରାମ ପରିକ୍ରମା କରି ପ୍ରତି ଘର ଓ ସାହିରେ ପୂଜା ପାଇଥିଲେ। ସେହିପରି ଚତୁର୍ଥ ଦିନରେ ବଡଗାଁ ଏବଂ ଶିଶାଗୁଡା ଦୁଇ ଗ୍ରାମରେ ପୂଜା ପାଇ ପଞ୍ଚମ ଦିନରେ ବିଶ୍ରାମ ନେଇଥିଲେ। ଷଷ୍ଠ ଦିନ ଠାକୁରାଣୀ ଗ୍ରାମ ପରିକ୍ରମା କରି ସପ୍ତମ ଦିନ ବିଶ୍ରାମ ନେଇଥିଲେ। ଅଷ୍ଟମ ଏବଂ ନବମ ଦୁଇଦିନ ପ୍ରତ୍ୟେକ ସାହିରେ ପହଞ୍ଚି ପୂଜା ପାଇଥିଲେ। ମାନସିକଧାରୀମାନେ ନିଜ ଘରୁ ଘଣ୍ଟ ହାଣ୍ଡି ବାହାର କରି ଠାକୁରାଣୀଙ୍କ ନିକଟରେ ପହଞ୍ଚି ମାନସିକ ପୂରଣ କରିଥିଲେ। ଅସ୍ଥାୟୀ ମଣ୍ଡପ ନିକଟରେ ଯାତ୍ରା କମିଟି ପକ୍ଷରୁ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ଯାତ୍ରା କମିଟିର ୫ଜଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରତାପ ଚୌଧୁରୀ,ପୂର୍ବତନ ସରପଞ୍ଚ ଭଗବାନ ଖରା, ଅର୍ଜୁନ ଖରା ଏବଂ ରବି ଖରା ପରିଚାଳନା କରିଥିଲେ। ଅଜିତ ଚୌଧୁରୀ, ମନଜ ଦାସ, ତ୍ରିନାଥ ଗେମେଲ, ଶିବ ପଟ୍ଟନାୟକ, ସୁଜିତ ଚୌଧୁରୀ, ତ୍ରିନାଥ ନାୟକ, ସତ୍ୟ ଖରା ଓ ପ୍ରଫୁଲ୍ଲ ବେହେରା, ଜି ଉମା ମହେଶ୍ୱର ରାଓ ପ୍ରମୁଖ ସହଯୋଗ କରିଥିଲେ।

# ଜେପିଏଲ ଜୟପୁର ପ୍ରିମିୟର ଲିଗ କ୍ରିକେଟ

## ଉଦ୍‌ଘାଟନ ମ୍ୟାଚ ଜିତିଲା ଧଳ ୱାରିଅରସ

**ଜୟପୁର, ୧୧।୫ (ନି.ପ୍ର.):** ଜୟପୁର ଦଶହରା ପଡିଆଠାରେ ଜେପିଏଲ ଜୟପୁର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ଅବିଭକ୍ତ କୋରାପୁଟ ଜିଲାରେ ପ୍ରଥମ ଥର ପାଇଁ ଜୟପୁର ପ୍ରିମିୟର ଲିଗ ଆୟୋଜିତ ହୋଇଛି। ଉପଜିଲାପାଳ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟ୍ୱେଣ୍ଟି ଟ୍ୱେଣ୍ଟି ଫର୍ମାଟରେ ଏହି ମ୍ୟାଚ ହୋଇଛି। ଓରିୟନ କ୍ରିକେଟ କ୍ଲବ ପକ୍ଷରୁ ଏହି ଲିଗ୍ ଆୟୋଜିତ ହୋଇଛି। ଜେପିଏଲ ପାଇଁ ୭ଟି ଦଳ ଭାଗ ନେଇଛନ୍ତି। ଏହି ୭ଟି ଦଳ ଖେଳାଳିଙ୍କୁ ନିଲାମ କରାଯାଇଛି। ଆଗାମୀ ୨୩ ଓ ୨୪ ରେ ସେମି ଫାଇନାଲ ଓ ୨୫ ତାରିଖରେ ଫାଇନାଲ ମ୍ୟାଚ ହେବ। ଆଜିର ପ୍ରଥମ ମ୍ୟାଚରେ ଧଳ ୱାରିଅରସ ସହ ରିଲାୟନ୍ସ ୱାରିଅରସ ମଧ୍ୟରେ ମ୍ୟାଚ ହୋଇଥିଲା। ରିଲାୟନ୍ସ ୱାରିଅରସ ୧୩.୪ ଓଭରେ ୧୦ ଉଇକେଟ ବିନିମୟରେ ୩୯ ରନ କରିଥିବା ବେଳେ ଧଳ ୱାରିଅରସ ୪ ଓଭରରେ ୪୧ ରନ କରି ବିଜୟୀ ହୋଇଥିଲା। ଅମ୍ପାୟର ଦାୟିତ୍ୱରେ ଅସିତ ପଟ୍ଟନାୟକ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁବାସ ରାଉତ, ଅନୁପ ପାତ୍ର, ରବି ନାୟକ, ବାଲା ରାୟ, ଏମ ବାଲା, ଅର୍ଜୁନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କମେଣ୍ଟ୍ରିରେ ମହମ୍ମଦ ଇସାକ ରହିଥିଲେ। ଧଳ ୱାରିଅରସର ଗିରି କ୍ରିଷ୍ଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ଜଗନ୍ନାଥ ସାଗରର ବିକାଶ ନେଇ ସମୀକ୍ଷା କଲେ ଜିଲାପାଳ

**ଜୟପୁର, ୧୧।୫ (ନି.ପ୍ର.)**

ଜୟପୁରବାସୀଙ୍କ ବହୁ ବର୍ଷ ଦାବି ପୂରଣ ହେବାକୁ ଯାଉଛି। ଐତିହାସିକ ଜଗନ୍ନାଥ ସାଗରର ବିକାଶ ହେବ। ଏନେଇ ଏକ ଚୁକ୍ତିନାମା ପୂର୍ବରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଏବଂ ହାଲର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ପ୍ରମୋଦ କୁମାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଚୁକ୍ତି ସ୍ୱାକ୍ଷର ପରେ କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର ବୁଧବାର ଜଗନ୍ନାଥ ସାଗରକୁ ଯାଇ ସମୀକ୍ଷା କରିଛନ୍ତି। ପଞ୍ଚାନନ ମନ୍ଦିର ନିକଟରେ ସାଗରର ପୂର୍ବ ପଟରେ ବିକାଶ ପାଇଁ ଆଲୋଚନା କରିଛନ୍ତି। ପାର୍କ, ବସିବା ପାଇଁ ଚେୟାର, ଫୁଟପାଥ, କାଫେ ଆଦି ହେବ। ଏନେଇ ତୁରନ୍ତ ଏଷ୍ଟିମେଟ କରିବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପଟ୍ଟନାୟକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସାଗରର ଗୋଟିଏ ପାର୍ଶ୍ୱର ବିକାଶ ପାଇଁ ୭ କୋଟି ଟଙ୍କା ୩ ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ ହାଲ ଦେବ। ଉକ୍ତ ଟଙ୍କାରେ ମୁଖ୍ୟ ଗେଟ ନିର୍ମାଣ, ପିଲାଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର, ବରିଷ୍ଠ ନାଗରିକ ବସିବା ସ୍ଥାନ, ଓପନ ଥିଏଟର, ଷ୍ଟେଜ, ଚଲାପଥ ସାଗରରେ ପଶୁଥିବା ଦୂଷିତ ପାଣିକୁ ବନ୍ଦ କରିବା ପାଇଁ ଡ୍ରେନ ବ୍ୟବସ୍ଥା କରାଯିବ। ଦୂଷିତ ପାଣି ସାଗରକୁ ଯେପରି ନ ପଶିବ ସେନେଇ ସର୍ଭେ କରାଯାଉଛି। ଖୁବ ଶୀଘ୍ର ସାଗରର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପୌର ନିର୍ବାହୀ ଅଧିକାରୀ ପଟ୍ଟନାୟକଙ୍କ ସହ କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ ଉପସ୍ଥିତ ଥିଲେ।


ଜିଲାପାଳ ଜଗନ୍ନାଥ ସାଗର କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

